# ପିଲାଙ୍କ ଧରିତ୍ରୀ

ଶନିବାର, ୮ ଏପ୍ରିଲ, ୨୦୨୩



୭ ଜଣା ଅଜଣା

୮ ଆଇନା


୬ କବିତା

# ଆତ୍ମ ପ୍ରଶଂସକ ହେବା ଅନୁଚିତ

ଗପ

ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜର ଗୁଣଗାନ ଶୁଣିବାକୁ ଲାଳାୟିତ ଥାନ୍ତି। ସତରେ ହେଉ କିମ୍ବା ମିଛରେ ଯଦି ଅନ୍ୟ କାହା ମୁଖରୁ ନିଜର ପ୍ରଶଂସା ଶୁଣନ୍ତି, ତେବେ ସେମାନଙ୍କ ପାଦ ଆଉ ତଳେ ପଡ଼ି ନ ଥାଏ। ହେଲେ ପୁଣ୍ୟଭୂମି ଭାରତବର୍ଷରେ କିଛି ମହାନ୍ ସନ୍ଥ ଏପରି ଥିଲେ, ଯେଉଁମାନେ ନିଜର ପ୍ରଶଂସା ଶୁଣିବାକୁ ଆଦୌ ପସନ୍ଦ କରୁ ନ ଥିଲେ ବରଂ ସେମାନଙ୍କ ଭୁଲ ତ୍ରୁଟିକୁ ଦେଖାଇବା ପାଇଁ ବନ୍ଧୁମାନଙ୍କୁ କହୁଥିଲେ।

ସନ୍ଥ ବିନୋବା ଭାବେ ଥିଲେ ଏପରି ଜଣେ ଚରିତ୍ର, ଯିଏ ସବୁବେଳେ ଆତ୍ମପ୍ରଶଂସାକୁ ନୁହେଁ, ବରଂ ନିଜର ନିନ୍ଦା କରୁଥିବା ବ୍ୟକ୍ତିଙ୍କୁ ଖୁବ୍ ଭଲ ପାଉଥିଲେ। ବିନୋବାଙ୍କୁ ଅନେକ ବ୍ୟକ୍ତି ପତ୍ର ଲେଖି ନିଜ ନିଜର ଅଭିଳାଷ ଜଣାଉଥିଲେ। ବିନୋବା ସେହି ପତ୍ରଗୁଡ଼ିକୁ ଅତି ଆଦରର ସହ ସମ୍ଭାଳି ତା'ର ପ୍ରତ୍ୟୁତ୍ତର ମଧ୍ୟ ଦେଉଥିଲେ। ଦିନେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଚିଠି ଆସି ବିନୋବାଙ୍କ ନିକଟରେ ପହଞ୍ଚିଲା। ହଠାତ୍ ପତ୍ରଟିକୁ ପଢ଼ି ସେ ସଙ୍ଗେ ସଙ୍ଗେ ଚିରି ଫୋପାଡ଼ି ଦେଲେ। ନିକଟରେ ଉପସ୍ଥିତ ଥିବା ଦେଶଭକ୍ତ କମଳନାଥ ବଜାଜ ଏହା ଦେଖି କ୍ଷୁବ୍ଧ ହେଲେ ମଧ୍ୟ କିଛି ନ କହି ଚିରି ଯାଇଥିବା ପତ୍ରଟିକୁ ଯୋଡ଼ି ପଢ଼ିବାକୁ ଲାଗିଲେ। ପତ୍ରଟିରେ ମହାତ୍ମା ଗାନ୍ଧୀ ଲେଖିଥିଲେ, ଆପଣଙ୍କ ସମାନ ଉଚ୍ଚ ଆତ୍ମା ମୁଁ ଅନ୍ୟ



କେଉଁଠାରେ ମଧ୍ୟ ଦେଖି ନାହିଁ। ପତ୍ରଟି ପଢ଼ିସାରି ବିନୋବାଙ୍କୁ ପ୍ରଶ୍ନ କଲେ, ଆପଣ ପତ୍ରଟି ପଢ଼ି ଚିରି ଫୋପାଡ଼ିଲେ କାହିଁକି ? ସେଥିରେ ତ ସବୁ ସତକଥା ଲେଖାଥିଲା। ସ୍ମିତହାସ୍ୟ ଦେଇ ବିନୋବା କହିଲେ, ସେହି ପତ୍ରଟି ମୋର କୌଣସି କାମରେ ଆସିବ ବୋଲି ମୁଁ ଭାବିପାରୁ ନାହିଁ । ତେଣୁ ମୁଁ ଚିରି ଫୋପାଡ଼ି ଦେଲି। ପୂଜ୍ୟ ବାପୁ ନିଜର ବିଶାଳ ଦୃଷ୍ଟିରେ ମୋର ଗୁଣ ବିଷୟରେ ତ ଲେଖି ଦେଲେ, କିନ୍ତୁ ମୋର ଦୋଷତ୍ରୁଟି ଟିକିଏ ବି ଲେଖିଲେ ନାହିଁ ?

ମୋତେ ଆତ୍ମପ୍ରଶଂସା କଦାପି ପସନ୍ଦ ନୁହେଁ। ଯଦି କେହି ମୋର ଦୋଷ ତ୍ରୁଟିକୁ କହିପାରେ, ତାଙ୍କୁ ମୁଁ ଅତି ଆଗ୍ରହର ସହ ନିଜର କରିପାରିବି । ତେଣୁ ହିନ୍ଦୀ ସାହିତ୍ୟର ପ୍ରସିଦ୍ଧ ସନ୍ଥ କବିର ଦାସ ଅତି ସୁନ୍ଦର ଭାବେ ଲେଖିଥିଲେ, ନିନ୍ଦକ ନିୟରେ ରାଖିୟେ। ଅର୍ଥାତ୍ ନିନ୍ଦୁକମାନଙ୍କୁ ନିଜ ପାଖରେ ରଖ, ଯାହା ଦ୍ୱାରା ଆମେ ନିଜ ଦୋଷ ତ୍ରୁଟିକୁ ସୁଧାରି ପାରିବା।

**–ପ୍ରଭାତ କୁମାର ମହାପାତ୍ର**
ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,
କୋରାପୁଟ
ମୋ: ୭୮୯୪୦୦୫୪୫୫

## ଖିଲି ଖିଲି ହସ

ପୁଅ ତା' ମା'କୁ କହିଲା: ମା' ମୋତେ ଗୋଟେ ଗପ କହ ମୁଁ ଶୁଣିବି।
ମା–ପୁଅ, ମୋତେ ତ କୌଣସି ଗପ ଆସେନି, କିନ୍ତୁ ହଁ, ତୁ ଟିକେ ବାପା ଆସିବା ପର୍ଯ୍ୟନ୍ତ ଅପେକ୍ଷା କର, ମୁଁ ତାଙ୍କୁ ପଚାରିବି ଏତେ ଲେଟ୍ କ'ଣ ପାଇଁ ହେଲା।
ଦେଖିବୁ ସେ କେତେ କାହାଣୀ କହିବେ।

ରମେଶ: ରାଜୁ ଦେଖିଲୁ ବାହାରେ ସୂର୍ଯ୍ୟ ଦେଖାଯାଉଛନ୍ତି ?
ରାଜୁ: ବାହାରେ ତ ଅନ୍ଧାର କିଛି ବି ଦେଖାଯାଉନି। ଦୀପୁ କହିଲା– ଆରେ କାମ ଚୋର, ତୁ ଟର୍ଚ୍ଚ ମାରି ଦେଖୁନୁ ସୂର୍ଯ୍ୟ ଦେଖାଯିବେ।

କ୍ଲାସ୍‌ରେ ପିଲାଙ୍କୁ ମିସ୍ କହିଲେ, ତୁମ ଭିତରେ କିଏ ବୋକା ସେ ଠିଆ ହୁଅ। ଏହାଶୁଣି ଗୋଟେ ପିଲାଠିଆ ହେଲା। ତାକୁ ଦେଖି ମିସ୍ କହିଲେ , ତୁମେ ବୋକା କି ?
ପିଲାଟି କହିଲା–ନା ମିସ୍, ଆପଣଙ୍କୁ ଏକୁଟିଆ ଠିଆ ହେବାର ଦେଖି ମୁଁ ଠିଆ ହୋଇଗଲି।

## ମତାମତ

❖ ଏଥର 'ପିଲାଙ୍କ ଧରିତ୍ରୀ'ର ପ୍ରଚ୍ଛଦଟି 'ଓଡ଼ିଶା ଦିବସ' ସମ୍ପର୍କିତ ଥିବାରୁ ଖୁବ୍ ସୁନ୍ଦର ଲାଗୁଥିଲା। ପ୍ରଚ୍ଛଦ ପୃଷ୍ଠାରେ କୁନି ଝିଅଟି ସୁନ୍ଦର ଦେଖାଯାଉଥିଲା। ଏଥିରେ ନିଖୁଣ ଭାବେ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ପ୍ରତିଫଳିତ ହୋଇଥିଲା ।

– **ମମତା ମହାପାତ୍ର,** ମୋରଡା, ମୟୂରଭଞ୍ଜ

❖ 'ଖରାଦିନେ ଫ୍ରିଜ୍ ପାଣି' ଅଧିକ ପିଇବା ଶରୀର ପାଇଁ କ୍ଷତିକାରକ ବୋଲି ଜାଣିବାକୁ ପାଇଲି ।

– **ନିବେଦିତା ଗଡ଼ଡ଼,** ଭୀମକେଲା, କଳାହାଣ୍ଡି

❖ 'ଜଣା ଅଜଣା' ସ୍ତମ୍ଭରୁ 'ଜହ୍ନ ପାଖରେ ତାରା' ପ୍ରସଙ୍ଗଟି ପଢ଼ି କିଛି ନୂଆ କଥା ଜାଣିବାକୁ ପାଇଲି।

– **ଗନ୍ଧର୍ବ ରଣା,** କୋଏଲନଗର, ରାଉରକେଲା

## ଗଣିତଜ୍ଞ ରାମାନୁଜନ୍

**ଗଣିତର ବାଦ୍‌ଶାହା କହିଲେ ଶ୍ରୀନିବାସ ରାମାନୁଜନ୍‌ଙ୍କୁ ବୁଝାଏ। ଗଣିତର ଗୋଟିଏ ପ୍ରଶ୍ନକୁ ସେ ୧୦୦ରୁ ଅଧିକ ଉପାୟରେ ସମାଧାନ କରିପାରୁଥିଲେ।**

▶▶ ୭ମ ଶ୍ରେଣୀରେ ପଢୁଥିବା ବେଳେ ସେ କଲେଜ ଛାତ୍ରଙ୍କୁ ଗଣିତ ପଢାଉଥିଲେ। ମାତ୍ର ୧୩ ବର୍ଷ ବୟସରେ କାହାର ସାହାଯ୍ୟ ନ ନେଇ ସେ ଲୋନିଙ୍କର ତ୍ରିକୋଣମିତି ସମାଧାନ କରି ଦେଉଥିଲେ।

▶▶ ୧୬ ବର୍ଷ ବୟସରେ ଜି ଏସ୍ କାର୍‌ଙ୍କ 'ଏ ସାଇନୋପିସ୍ ଅଫ୍ ଏଲିମେଣ୍ଟାରି ରେଜଲ୍ଟ ଇନ୍ ପିଓର ଆଣ୍ଡ ଆପ୍ଲାଏଡ୍ ମ୍ୟାଥ୍‌ମେଟିକ୍' ୫୦୦୦ରୁ ଅଧିକ ଗାଣିତିକ ସମସ୍ୟାକୁ ସମାଧାନ କରିଥିଲେ।

▶▶ କଲେଜ ସମୟରେ ମଧ୍ୟ ସେ ଗଣିତରେ ଭଲ ପ୍ରଦର୍ଶନ କରୁଥିଲେ। କିନ୍ତୁ ପରୀକ୍ଷାରେ ଗଣିତକୁ ଛାଡି ଅନ୍ୟ ସବୁ ବିଷୟରେ କମ୍ ନମ୍ବର ରଖିବାରୁ ଡିଗ୍ରୀ ପାଇବାରୁ ବଞ୍ଚିତ ହୋଇଥିଲେ।

▶▶ ଗରିବ ପରିବାରରେ ଜନ୍ମ ହୋଇଥିବାରୁ ଗଣିତ କଷିବା ପାଇଁ ସେ ସିଲଟ ବ୍ୟବହାର କରୁଥିଲେ। ଅର୍ଥାଭାବ ଯୋଗୁଁ ସେ କାଗଜ କିଣିପାରୁ ନ ଥିଲେ।

▶▶ ମାତ୍ର ୧୯ ବର୍ଷ ବୟସରେ ଗଣିତରେ ନିଜର ପ୍ରଥମ ଜର୍ନାଲ୍ 'ଇଣ୍ଡିଆନ୍ ମ୍ୟାଥ୍‌ମେଟିକାଲ୍ ସୋସାଇଟି'ପ୍ରକାଶ କରିଥିଲେ।

▶▶ ରାମାନୁଜନ୍ ପ୍ରଥମ ଭାରତୀୟ ଭାବେ ୧୯୧୮ ମସିହାରେ କେମ୍ବ୍ରିଜ୍‌ର ଛାତ୍ର ଥିଲେ।

▶▶ ଗଣିତ କ୍ଷେତ୍ରରେ ତାଙ୍କର ଅନନ୍ୟ ଅବଦାନ ପାଇଁ ପ୍ରତିବର୍ଷ ଡିସେମ୍ବର ୨୨ ତାରିଖ ତାଙ୍କ ଜନ୍ମଦିନକୁ 'ଜାତୀୟ ଗଣିତ ଦିବସ' ଭାବେ ପାଳନ କରାଯାଉଛି।

▶▶ ନିଜ ଜୀବନକାଳ ମଧ୍ୟରେ ଗଣିତରେ ସେ ୩,୯୦୦ଟି ସମୀକରଣ ବାହାର କରିଥିଲେ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ଗତ ଥରର ରଙ୍ଗ ଦିଅ





**ଶ୍ୟାମସାଗର ରାଉତ**
କ୍ଲାସ୍–୨
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,
ନର୍ଲା, କଳାହାଣ୍ଡି

## ରଙ୍ଗ ଦିଅ



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ନୂଆ କ୍ଲାସ୍ ନୂଆ ଆଶା

ଏବେ ନୂଆ କ୍ଲାସ୍‌ରେ ପାଠପଢ଼ା ଆରମ୍ଭ ହେଲାଣି । ତେବେ ଏହି ସମୟରେ ଛାତ୍ରୀଛାତ୍ର ନିଜକୁ କିପରି ପ୍ରସ୍ତୁତ କରିବେ ଜାଣନ୍ତୁ ସେ ସମ୍ପର୍କରେ...

ବର୍ତ୍ତମାନ ଛାତ୍ରୀଛାତ୍ର ବାର୍ଷିକ ପରୀକ୍ଷା ଫଳାଫଳ ପ୍ରକାଶ ପରେ ସେମାନେ ନିଜ ନିଜ ନୂଆ କ୍ଲାସ୍ ଏବଂ ପାଠପଢ଼ାକୁ ନେଇ ବେଶ୍ ଆଗ୍ରହୀ । କାରଣ ପାଠପଢ଼ା ପରିସର କ୍ଲାସ୍ ଅନୁସାରେ ବଢ଼ି ଚାଲିଥାଏ । ସେହି ଅନୁସାରେ ଆଗାମୀ ପରୀକ୍ଷା ପାଇଁ ମଧ୍ୟ ନିଜକୁ ଆରମ୍ଭରୁ ପ୍ରସ୍ତୁତ କରିବାକୁ ପଡ଼େ । ତେବେ ନୂତନ ଶିକ୍ଷାବର୍ଷରେ ସେମାନେ ନିଜ ଲକ୍ଷ୍ୟ ପଥର ଆଉ ଏକ ପାହାଚରେ ସଦ୍ୟ ପାଦ ଦେଇଛନ୍ତି । ଏସମୟରେ ମନୋଭାବ କିପରି ହେବା ଆବଶ୍ୟକ ସେସମ୍ପର୍କରେ ସେମାନେ ଜାଣିବା ଜରୁରୀ ।

## ପାଠ୍ୟକ୍ରମ

ନୂଆ କ୍ଲାସ୍‌ରେ ପାଠପଢ଼ା ଇତିମଧ୍ୟରେ ଆରମ୍ଭ ହୋଇଗଲାଣି । ତେବେ ଏହି କ୍ଲାସରେ ପଢ଼ାଯିବାକୁ ଥିବା ପାଠ୍ୟକ୍ରମ ବିଷୟରେ ପିଲାମାନେ ପ୍ରଥମେ ଭଲ ଭାବରେ ଅବଗତ ହେବା ଦରକାର । ପାଠପଢ଼ା ଆରମ୍ଭ ହେବା ପୂର୍ବରୁ ସେହି ଅନୁସାରେ ବହି ଏବଂ ନୋଟ୍ କିଣି ନିଅନ୍ତୁ । ଯଦି ସମ୍ଭବ ହୁଏ, ତେବେ ନୂଆ କ୍ଲାସ୍‌ର ବିଭିନ୍ନ ବିଷୟର ଚାପ୍ଟର ଉପରେ ନିଜେ ନଜର ଦେଲେ ସେ ବିଷୟରେ ଅନ୍ତତଃ କିଛି ଜାଣିପାରିବେ ।

## ଯୋଜନା

ପୂର୍ବ ଭଳି ନିଜ କ୍ୟାରିୟରରେ ଆଉ ଏକ ସ୍ମରଣୀୟ ଫର୍ଦ୍ଦ ଯୋଡ଼ିବାକୁ ଯୋଜନାବଦ୍ଧ ଭାବରେ ଆଗେଇବା ଦରକାର । ପିଲାମାନଙ୍କର କ୍ଲାସ ଯେତେ ଆଗକୁ ଯିବ, ସେହି ଅନୁସାରେ ପାଠର କଳେବର ବୃଦ୍ଧି ପାଇବ । ତେଣୁ ସେହି ଅନୁସାରେ ନିଜକୁ ପରିଶ୍ରମ କରିବାକୁ ପଡ଼ିବ । ସେଥିଲାଗି ପ୍ରଥମେ ଯୋଜନା ପ୍ରସ୍ତୁତ କରନ୍ତୁ । କେଉଁ ବିଷୟ ପାଇଁ କେତେ ସମୟ ଦେବେ ତାହା ଏବେଠୁ ସ୍ଥିର କରିବା ଆବଶ୍ୟକ ।

## ସକାରାତ୍ମକ ମାନସିକତା

ପାଠକୁ ଯଦି ଠିକ୍ ଭାବରେ ବୁଝିପାରିଲ, ତେବେ ତାହା ବେଶ୍ ସହଜ ଲାଗିଥାଏ । ହେଲେ କେତେକେ ପାଠକୁ ଦେଖି ଭୟ କରନ୍ତି । ଏତେ ପାଠ କେମିତି ପଢ଼ିବି, ଏଗୁଡ଼ିକ କଷ୍ଟ ଲାଗୁଛି ବୋଲି ଭାବିଲେ ସବୁକିଛି ଓଲଟପାଲଟ ହୋଇଯିବ । କାରଣ ଏଭଳି ନକାରାତ୍ମକ ମାନସିକତାର ପ୍ରଭାବ ପାଠପଢ଼ା ଉପରେ ପଡ଼ିବ । ଅନ୍ୟପକ୍ଷରେ ନିଜକୁ ସହଜ ଲାଗୁଥିବା ପାଠ ତାଙ୍କୁ ବୋଝ ଭଳି ଲାଗିବ । ପଢ଼ିବା ସମୟରେ ମନରେ ଗୋଟିଏ କଥା ସବୁବେଳେ ଆନ୍ଦୋଳିତ କରିବ ଯେ, ଏହି ପାଠକୁ ମୁଁ ହେଜି ପାରିବି ନାହିଁ । ସେହି ଅନୁସାରେ ପରୀକ୍ଷା ଆସିଗଲେ ଏଭଳି ଧାରଣା ଆହୁରି ବଢ଼ିଯିବ । ତେଣୁ ପାଠକୁ ନେଇ ସବୁବେଳେ ମନରେ ସକାରାତ୍ମକ ଭାବନା ରଖନ୍ତୁ । ଯଦି ମନରେ କିଛି ସନ୍ଦେହ ସୃଷ୍ଟି ହେଉଛି, ତେବେ ସଂପୃକ୍ତ ବିଷୟ ପଢ଼ାଉଥିବା ଶିକ୍ଷକଙ୍କ ସହ ଆଲୋଚନା କରନ୍ତୁ । ଯଦି ଟ୍ୟୁଶନ ହେଉଛନ୍ତି, ଟ୍ୟୁଟରଙ୍କ ସହ ବିସ୍ତୃତ ଭାବରେ କଥା ହୁଅନ୍ତୁ ।

## ସାଙ୍ଗସାଥୀ

ସ୍କୁଲରେ ପଢ଼ିବା ସମୟରେ ଅନେକ ସାଙ୍ଗସାଥୀ ହେବା ସ୍ୱାଭାବିକ । କିନ୍ତୁ ସବୁବେଳେ ଏଭଳି ପିଲାଙ୍କ ସହ ସାଙ୍ଗ ହୁଅନ୍ତୁ, ଯେପରି ତାଙ୍କଠାରୁ କିଛି ଶିଖିପାରିବ । କ୍ଲାସ୍ ବଢ଼ିବା ସହ ସାଙ୍ଗସାଥୀ ପରିସର ବଢ଼ିଥାଏ । ହେଲେ ନିଜ କ୍ୟାରିୟରକୁ ସବୁବେଳେ ଗୁରୁତ୍ୱ ଦିଅନ୍ତୁ । ସାଙ୍ଗସାଥୀ ସଂଖ୍ୟାକୁ ଯେତେ ସୀମିତ ରଖିବେ ସେତେ ଭଲ । ସବୁବେଳେ ପାଠପଢ଼ାରେ ଧ୍ୟାନ କେନ୍ଦ୍ରିତ କଲେ ତାହା କ୍ୟାରିୟର ପାଇଁ ଫଳପ୍ରଦ ସାବ୍ୟସ୍ତ ହେବ ।

## ଆତ୍ମବିଶ୍ୱାସ

ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ଦୃଢ଼ ରହିବା ନିହାତି ଦରକାର । କାରଣ ଏହାଦ୍ୱାରା ପାଠପଢ଼ା ସୁରୁଖୁରୁରେ ଚାଲିଥାଏ । ଯଦି ନିଜ ଉପରୁ ବିଶ୍ୱାସ ତୁଟିଗଲା, ତେବେ ପଢୁଥିବା ପାଠ ମନେ ରୁହେନା । ତେଣୁ ପୂର୍ବ କ୍ଲାସ୍‌ରେ ଯେମିତି ଆତ୍ମବିଶ୍ୱାସ ସହ ପାଠ ପଢୁଥିଲେ ତାହାକୁ ଜାରି ରଖିବା ଦରକାର ।



## ପାଠକୁ ଆରାମରେ ପଢ଼ିଲେ ବୋଝ ଲାଗିବ ନାହିଁ



କ୍ଲାସ୍ ପ୍ରମୋସନ ପରେ ପିଲାମାନେ ନିଜ ନୂଆ କ୍ଲାସ୍‌କୁ ନେଇ ବେଶ୍ ଉତ୍ସାହିତ ଥାଆନ୍ତି । ନୂଆ କ୍ଲାସ୍, ନୂଆ ପରିବେଶ, ନୂଆ ବହି, ନୂଆ କ୍ଲାସ୍‌ରୁମ୍-ଏସବୁ ନେଇ ସେମାନେ ଏକସାଇଟେଡ୍ ହୋଇପଡନ୍ତି । କିନ୍ତୁ ଯେତେବେଳେ ଏକ ନୂଆ କ୍ଲାସ୍‌ର ପାଠ ଆରମ୍ଭ କରୁଛନ୍ତି, ସେତେବେଳେ ଆରାମରେ ପାଠ ପଢ଼ନ୍ତୁ । ପ୍ରଥମେ ନିଜର ମନକୁ ହାଲକା ଏବଂ ଟେନସନ ଫ୍ରି ରଖନ୍ତୁ । କାରଣ ପାଠକୁ ଆରାମରେ ପଢ଼ିଲେ ତାହା ବୋଝ ଭଳି ଲାଗିବ ନାହିଁ । ଏହାବ୍ୟତୀତ ଶିକ୍ଷକ ପିଲାମାନଙ୍କୁ କୌଣସି ବିଷୟରେ ପଢ଼ାଇବା ପୂର୍ବରୁ ପ୍ରଥମେ ସେମାନଙ୍କ ସହ ମିଶି ପାଠ ବିଷୟରେ ପୂର୍ବରୁ ଆଲୋଚନା କଲେ ତାହା ପିଲାମାନଙ୍କ ପାଇଁ ଲାଭପ୍ରଦ ହୋଇଥାଏ । ସବୁଠାରୁ ବଡ କଥା ହେଲା, ଯେତେ ଉପରକୁ ଗଲେ ପାଠକୁ ଦେଖି ଆଦୌ ଭୟ କରନ୍ତୁ ନାହିଁ । କାରଣ ଏହି ଭୟ ଥରେ ମନରେ ପଶିଗଲେ, ତାହା ଦୂରେଇବା ସହଜ ହୋଇ ନ ଥାଏ ଏବଂ ଏହାଦ୍ୱାରା ପିଲାଙ୍କର କ୍ୟାରିୟର ପ୍ରଭାବିତ ହୋଇଥାଏ । ଗତ ବର୍ଷ କ'ଣ ପଢ଼ିଥିଲେ ଏବର୍ଷ ତା' ଠୁ ଅଧିକ ପଢ଼ିବା, ଅଧିକ ଜାଣିବା-ଏକଥା ମନରେ ଆଣନ୍ତୁ । ସେଥିପାଇଁ ଡରିବାର କାରଣ ନାହିଁ । ସବୁ ବିଷୟକୁ ନିଜର କରି ଏବଂ ସବୁ ଶିକ୍ଷକଙ୍କୁ ନିଜର ଗୁରୁଜନ ଭାବିଲେ ପିଲାଏ ପାଠକୁ ଖୁବ୍ ସହଜରେ ବୁଝିପାରିବେ । ତା' ସହ ପିଲାମାନେ କିପରି ନୂଆ ପାଠ ପ୍ରତି ଆକର୍ଷିତ ହେବେ ସେ ନେଇ ଶିକ୍ଷକମାନେ ଧ୍ୟାନ ଦେବା ଜରୁରୀ ।

–ସୁଜାତା ପଟ୍ଟନାୟକ, ଶିକ୍ଷୟିତ୍ରୀ, ସେଣ୍ଟ ଜୋସେଫ କନ୍‌ଭେଣ୍ଟ ସ୍କୁଲ, ରାଉରକେଲା

## ପାଠରୁ ଧ୍ୟାନ ହଟାଇବି ନାହିଁ



ପାଠ ପଢ଼ିବା ମୋର ପସନ୍ଦ । ଏଥର ମୁଁ କ୍ଲାସ୍-୪ରୁ କ୍ଲାସ-୫କୁ ଯାଉଛି । ତେଣୁ ମନରେ ବହୁତ ଉତ୍ସାହ । ନୂଆ କ୍ଲାସରେ ନୂଆ ପାଠ ପଢ଼ାହେବ । ତେଣୁ ମୋତେ ସେଭଳି ପରିବେଶ ସହ ଜଡିତ ରଖିବାକୁ ପଡିବ । ପାଠ ପ୍ରତି ଯେମିତ ମୋର ଧ୍ୟାନ କେନ୍ଦ୍ରୀତ ରୁହେ ସେଥିପ୍ରତି ସତର୍କ ହେବି । କାରଣ ମୁଁ ଯଦି ଭଲ ପାଠ ପଢ଼େ ତେବେ ଭଲ ରେଜଲ୍ଟ ହେବ । ଗତ ବର୍ଷ ଅପେକ୍ଷା ଏବର୍ଷ ଆହୁରି ଭଲ ପରସେଣ୍ଟ ରଖିବାକୁ ନିଶ୍ଚୟ ଚେଷ୍ଟା କରିବି ।

–ସାର୍ଥକ ଦାସ, କ୍ଲାସ୍-୫,ନିୟୁ ଷ୍ଟୁଆର୍ଟ ସ୍କୁଲ, କଟକ

## ସବୁବେଳେ ପାଠକୁ ପ୍ରାଥମିକତା ଦେବି




ଏବର୍ଷ ମୋର ନବମ ହେଲା । ଆଉ ବର୍ଷେ ପରେ ମାଟ୍ରିକ ପରୀକ୍ଷା । ମୋ ପାଠପଢ଼ା କ୍ୟାରିୟରରେ ଏହି ଦୁଇ ବର୍ଷ ବେଶ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ସବୁବେଳେ ପାଠକୁ ହିଁ ପ୍ରାଥମିକତା ଦେବି । ବର୍ତ୍ତମାନ ମୁଁ ନୂଆ କ୍ଲାସକୁ ଯିବି । ତେଣୁ ଏ ନେଇ ମନରେ ବହୁତ ଉତ୍ସାହ ରହିବା ସ୍ୱାଭାବିକ । ନୂଆ କ୍ଲାସ୍,ନୂଆ ଟିଚର ସବୁ କିଛି ନୂଆ-ତେଣୁ ସେଠାରେ କିପରି ନିଜକୁ ଆଡଜଷ୍ଟ କରିବି ସେଥିପ୍ରତି ବି ଧ୍ୟାନ ଦେବି । ପାଠପଢ଼ା ଚାପ ଗଲାବର୍ଷଠୁ ଏବର୍ଷ ବଢ଼ିଯାଇଛି । ଆଗରୁ ଯେତିକି ପଢୁଥିଲି ତାଠୁ ଅଧିକ ମୋତେ ସିରିୟସ୍ ହୋଇ ପଢ଼ିବାକୁ ପଡ଼ିବ ।

–ସତ୍ୟଜିତ୍ ସାହୁ,କ୍ଲାସ୍-୯,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ବାଲିଆପଟା,ଭୁବନେଶ୍ୱର




୧



୨




୩



୪



୫



୬



୭




୮



୧
ଶାଶ୍ୱତ ପଣ୍ଡା
କ୍ଲାସ୍– ୪,
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆମ୍ବପଡା, ଢେଙ୍କାନାଳ




୨
ସମରଜିତ୍ ପରିଜା
କ୍ଲାସ୍– ୪,
ଏମ୍‌ବିଏସ୍ ପବ୍ଲିକ ସ୍କୁଲ, ୟୁନିଟ୍ ୯, ଭୁବନେଶ୍ୱର



୩
ସ୍ୱାଭିମାନ କୁମାର ଜେନା
କ୍ଲାସ୍– ୪,
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଗିରି, ଗଜପତି



୪
ନିଖିଲ ଗୌଡ
କ୍ଲାସ୍– ୫,
ମା ସରସ୍ୱତୀ ବିଦ୍ୟାମନ୍ଦିର, ବ୍ରହ୍ମପୁର –୨, ଗଞ୍ଜାମ



୫
ଅନିମେଶ ମିଶ୍ର
କ୍ଲାସ୍–୪,
ଗ୍ଲୋବାଲ ଇଣ୍ଡିଆନ ପବ୍ଲିକ୍ ସ୍କୁଲ, ବିଦ୍ୟାଧରପୁର. କଟକ



୬
ଶ୍ରୀୟମ ସ୍ୱସ୍ତିକ ସ୍ୱାଇଁ
କ୍ଲାସ୍–୨,
କାଳିଆବୋରା ପ୍ରାଥମିକ ବିଦ୍ୟାଳୟ, ଜଗତସିଂହପୁର



୭
ତାନ୍‌ଭି ମିଶ୍ର
କ୍ଲାସ୍–୩,
ଜନ ଗଣ ମନ ସ୍କୁଲ, ଡୋମ୍ବିଭିଲି, ମୁମ୍ବାଇ



୮
ଅନନ୍ୟା ମହାନ୍ତି
କ୍ଲାସ୍– ୫,
ଡିଏଭି ପବ୍ଲିକ୍ ସ୍କୁଲ, ପୁରୀ



# କବିତା

## କାକର

**ଛୁ**ଅଁନା ଛୁଅଁନା ମୁଁ ଯେ ସକାଳର ମୋତି
ଛୁଇଁ ଦେଲେ କମିଯିବ ମୋ ଦେହର ଜ୍ୟୋତି।
ଅଳପ ଆୟୁଷ ନେଇ ଆସିଛି ମହୀରେ
ନୟନେ ଭରିଛି ମୁହିଁ ସପନ ହଜାରେ।
ଦେଖିଛି ରାତିରେ କାଲି ତାରାଙ୍କର ସଭା
ଫୁଲ ରୂପେ ବୃକ୍ଷ ପରେ ହୋଇଛନ୍ତି ଉଭା।
ଦେଇଛନ୍ତି କିଛି ଗୁଣ ମୋ ଦେହରେ ଭରି
ସୂର୍ଯ୍ୟାଲୋକେ ଝଲସିବି ମୋତିଟିଏ ପରି।
ରବି କର ପାଇ ପୁଣି ହେବି ମୁହିଁ ଲୀନ
ସଉଭାଗ୍ୟ ନାହିଁ ମୋର ଦେଖିବାକୁ ଦିନ।
ଶାମୁକା ଗର୍ଭକୁ ଗଲେ ହେବି ସତ ମୋତି
ନବ ଜନ୍ମେ ଆକର୍ଷିବି ସଭିଙ୍କର ମତି।
ଦେଖିବାକୁ ଇଚ୍ଛା ମୋର ପ୍ରକୃତି ସୁନ୍ଦରୀ
ଶୁଣିବାକୁ ଇଚ୍ଛା ଭାରି ପକ୍ଷୀଙ୍କ କାକଳି।
ଛୁଅଁନା ଛୁଅଁନା ମୋତେ ଦିଅ ଦେଖିବାକୁ
ଥିବା ଯାଏ ଦେଖୁଥିବି ପ୍ରକୃତି ରାଣୀକୁ।

**– ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଘଣାଶାଳ ସାହି, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

## ମହାବିଷୁବ ସଂକ୍ରାନ୍ତି

**ବି**ଷୁବ ସଂକ୍ରାନ୍ତି ଓଡ଼ିଆମାନଙ୍କ ପରବ
ଆମ ସଂସ୍କୃତିକୁ ପାଳିବା ଆମର ଗରବ
ବରଷକେ ଥରେ ଆସିଛି ବିଷୁବ ସଂକ୍ରାନ୍ତି
ମହାନ୍ ଦିବସ ହନୁମାନଙ୍କର ଜୟନ୍ତୀ।
ଓଡ଼ିଆମାନଙ୍କ ପାଇଁ ନୂତନ ବରଷ
ସବୁରି ମୁଖରେ ଭରୁ ଆନନ୍ଦ ହରଷ
ଆଜିର ଦିନରୁ ନୂଆ ପାଞ୍ଜି ହୁଏ ଗଣା
ନୂତନ ପାଞ୍ଜିରୁ ସବୁ ପଢ଼ିଥାଏ  ଜଣା
ଠାକୁରଙ୍କ ପାଖେ ଭୋଗହୁଏ ଛେନାପଣା
ନଡ଼ିଆ କଦଳୀ ପୁଣି କରୁ ବେଲପଣା।
ସାଥେ ଗୁଡ଼ ଚିନି ଫଳ କ୍ଷୀର ଦେଉ ପକାଇ
ମାଆ ପାଶେ ପଣାଭୋଗ ଦେଇଥାଉ ଲଗାଇ।
ମାଆ ବୃନ୍ଦାବତୀ ପୂଜା ପାଆନ୍ତି ଏ ତିଥିରେ
ଠେକି ବସା ହୋଇଥାଏ ଚଉରା ମୂଳରେ।
ପଣା ଭଲ ଲାଗିଥାଏ ଏ ପୁଣ୍ୟ ତିଥିରେ
ପ୍ରତି ଜନତାଙ୍କ ମୁଖେ ହସଖୁସି ଭରେ।
ସୁଖ ସ୍ୱପ୍ନ ଭରି ଦେଉ ପ୍ରତିଟି ହୃଦରେ
ବାନ୍ଧୁ ସ୍ନେହ ପ୍ରେମ ମମତା ରଜ୍ଜୁରେ।
ଘୃଣା ହିଂସା  ଅହଙ୍କାର  ଯାଉ  ଅପସରି
ରାମରାଜ୍ୟ ହେଇଯାଉ ଏଦେଶ ଆମରି।

**– ନଳିନୀ ଦାଶ**
ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ: ୬୩୭୦୦୯୫୨୪୧

## ମୋ ମାଆ

**ସା**ଗରଠୁ ଗଭୀର ତା' ସ୍ନେହ ପ୍ରେମ ଆଦର
ତା' ପଣତ ତଳେ ଥିଲେ ଲାଗେନାହିଁ ଡର।
ବିପଦେ ଆପଦେ ମୋର ସେ ହିଁ ସାହାରା
ତା' ବିନା ଦୁନିଆଟା ଲାଗଇ ଅଧୁରା।
ତା' ସ୍ନେହରେ ରହିଅଛି ଅସରନ୍ତି ପ୍ରେମ ଛିଟା
ଧନ ବୋଲି ଡାକିଦେଲେ ଲାଗେ ଭାରି ମିଠା।
ଜହ୍ନମାମୁ ଗୀତ ଗାଏ କୋଳରେ ବସାଇ
ତା' ଭଲପାଇବାର ସୀମାରେଖା ନାହିଁ।
ପଣତରେ ପୋଛିଦିଏ ଅଳିକର ଦୁଃଖ
ତା' ମମତାରେ ଥାଏ ସରଗର ସୁଖ।
ତା' ହାତ ମୁଣ୍ଡରେ ଥିଲେ ସୁଖ ସରେନାହିଁ
ତା' ପଣତ ତଳେ ଥିଲେ ଭୟ ଲାଗେ ନାହିଁ।
ତା' ସ୍ନେହ ଶରଧାର ପଟାନ୍ତର ନାହିଁ
ଦୁଃଖ ଭୁଲାଇ ଦିଏ ତା' ସ୍ନେହ ଦେଇ।
ମାଆ ପରି କେହି ନାହିଁ ଏ ସାରା ମହୀରେ
ସବୁ ଦୁଃଖ ଭୁଲିଯାଏ ଥିଲେ ତା' ପାଖରେ।

**– ରମାକାନ୍ତ ଦାସ**
ବାଣୀବିହାର, ଭୁବନେଶ୍ୱର
ମୋ: ୯୬୬୮୮୧୫୩୬୯

## ଡାଇନୋସରର ଜୀବାଶ୍ମ ଖୋଜି ରେକର୍ଡ




**ମା**ତ୍ର ୪ବର୍ଷ ବୟସରେ ସେ ଡାଇନୋସର୍‌ର ଏକ ପ୍ରଜାତିର ଜୀବାଶ୍ମ ଖୋଜି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ସିଏ ହେଉଛନ୍ତି ଆମେରିକା ଟେକ୍ସାସ ସହରର ୱାଇଲି ବ୍ରାଇସ୍। ତାଙ୍କ ବାପା ଟିମ୍ ବ୍ରାଇସ୍ ପେରୋଟ ମ୍ୟୁଜିୟମ ଅଫ୍ ନେଚର ଆଣ୍ଡ ସାଇନ୍ସ ଇନ୍ ଡଲାସ୍‌ରେ କାର୍ଯ୍ୟ କରୁଛନ୍ତି। ଥରେ ୱାଇଲି ତାଙ୍କ ବାପାଙ୍କ ସହ ଡାଇନୋସରର ଜୀବାଶ୍ମ ଖୋଜୁଥିଲେ।

### ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

ଏହି ସମୟରେ ସେ ୧୦୦ ଲକ୍ଷ ବର୍ଷ ତଳ ଡାଇନୋସରର ଅସ୍ଥି ପାଇଥିଲେ। ଜୀବାଶ୍ମ ବିଜ୍ଞାନୀମାନେ ଏହି ପ୍ରାଣୀର ଅସ୍ଥିକୁ ଚିହ୍ନଟ କରି ତାହା ନୁଡୋସରର ବୋଲି କହିଛନ୍ତି, ଯାହା ଏକ ନୂଆ ପ୍ରଜାତିର ବିରଳ ପ୍ରାଣୀ। ଏହା ୪.୫ମିଟର ଲମ୍ବ ଏବଂ ଏହାର ପିଠିରେ କଣ୍ଟା ଭଳି କଠିନ ପ୍ଲେଟ୍‌ଗୁଡ଼ିକ ମଧ୍ୟ ଅଛି। ୱାଇଲିଙ୍କ ବାପା ପୁଅର ଏହି ସଫଳତା ନେଇ ବହି ଲେଖିଛନ୍ତି, ଯାହା କୁନି କୁନି ପିଲାଙ୍କୁ ଉତ୍ସାହିତ କରିବ।

## ଏଥରର




- ପୃଥିବୀର କେଉଁ ସ୍ଥାନକୁ  ସର୍ବାଧିକ ଥଣ୍ଡା ସ୍ଥାନ ବୋଲି କୁହାଯାଏ ?
- ଦ୍ରୁତ ଗତିରେ ଦୌଡ଼ି ପାରୁଥିବା ପ୍ରାଣୀ କିଏ ?
- ଅନ୍ଧକାର ମହାଦେଶ କାହାକୁ କୁହାଯାଏ ?
- ଶାନ୍ତିର ପ୍ରତୀକ ଭାବେ କେଉଁ ରଙ୍ଗକୁ ବୁଝାଯାଏ ?
- ଭାରତର ସର୍ବପୁରାତନ ମସ୍‌ଜିଦ କେଉଁଠି ଅଛି ?

## ଗତଥରର

- ୧୯୩୬, ଏପ୍ରିଲ୍ ୧
- ୧୮୧୭
- ଲକ୍ଷ୍ମଣ ନାୟକ
- ମଧୁସୂଦନ ଦାସ
- ଇଞ୍ଚୁଡି




## କହିଲ ଦେଖି

**ବ**ଙ୍ଗୋପସାଗର କୂଳରେ ରହି
ସାରା ଓଡ଼ିଶାର ଶୋଭା ବଢ଼ାଇ,
ପ୍ରଭୁଙ୍କ ପାଇଁ ଏଇ ସହର
ସାରା ବିଶ୍ୱରେ ପାଏ ଆଦର।
ଲକ୍ଷ ଲକ୍ଷ ଲୋକ ଦର୍ଶନ ପାଇଁ
ନୀଳାଚଳେ ବିଜେ ଜଗତ ସାଇଁ,
ଜଗା ପାଇଁ ପରା ସହର ଖ୍ୟାତି
ଗର୍ବରେ ଓଡ଼ିଆ ଫୁଲାଏ ଛାତି,
ସହର ନାଁକୁ ଯିଏ କହିବ
ଅବଢ଼ା ଅନ୍ନକୁ ସିଏ ଖାଇବ।



**ଉତ୍ତର– ପୁରୀ**

**ନୁ**ହେଁ ସେ ଗରମ ନୁହଁଇ ଥଣ୍ଡା
ପେଟକୁ ପୂରାଏ ନୁହଁଇ ମଣ୍ଡା,
ଭିତରେ ପାଣି ସେ ନୁହେଁ ପୋଖରୀ
ନାହିଁ ଜଗନ୍ନାଥ ନାମେ ତା' ପୁରି,
ଏକ ଏକ ଥାନ୍ତି ଲାଗି ଲାଗିକା
ପାଟିରେ ପଶେ ସେ ମାଗି ମାଗିକା,
ପାଟି ଚାହୁଁଥାଏ ଗଣ୍ଡାକୁ ଗଣ୍ଡା
ଖାଇବା ଲୋକର ପକେଟ ଲଣ୍ଡା,
ରାଗଖଟା ଲୁଣି ତାହାର ପାଣି
ଝରାଏ କାହାର ନାକରୁ ପାଣି,
ଏକାଥରେ ମରେ ଭୋକ ଓ ଶୋଷ
କହିଲେ ଖାଇବ ତାକୁ ଅବଶ୍ୟ।



**ଉତ୍ତର– ପାଣିପୁରି ବା ଗୁପ୍‌ଚୁପ୍**


**ଅ**ଟା ଲୁଣ ପାଣି ଏକାଠି ମିଶି
ଦଳି ବେଲି ତେଲ ପାଖରେ ବସି,
ଫୁଲି ଉଠେ ଦେହ ଗରମ ତେଲେ
ଭାରି ମଜା ଲାଗେ ମାଆ ବାଢ଼ିଲେ,
ନାମଟିକୁ ତା'ର ଯିଏ କହିବ
ଘୁଗୁନି ସାଥିରେ ସିଏ ଖାଇବ।



**ଉତ୍ତର– ପୁରି**

**– ଟଙ୍କଧର ଶତପଥୀ,** ସୁନ୍ଦରପାଳ,
ଅନୁଗୋଳ, ମୋ: ୯୯୩୮୨୬୪୪୭୬

# ଏତେ ଛୋଟ ଦେଶ




ଗୋଟିଏ ଦେଶର ଆକାର କଥା ହୁଏତ ପରେ ଚିନ୍ତା କରିପାରନ୍ତି, ହେଲେ ଏହାର ଜନସଂଖ୍ୟା କ'ଣ ଦୁଇ ଅଙ୍କବିଶିଷ୍ଟ ହୋଇପାରେ ? ଏକଥା ନିଶ୍ଚୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ଇଂଲଣ୍ଡଠାରୁ ମାତ୍ର ୧୦ କି.ମି. ଦୂରରେ ଗୋଟିଏ ଦେଶ ଅଛି, ଯାହାର ଜନସଂଖ୍ୟା କେତେ ଜାଣନ୍ତି ? ମାତ୍ର ୨୭। ପୁଣି ଏହି ଦେଶର ଆକାର ୫୫୦ ବର୍ଗମିଟର। ଏପରି ଦେଶକୁ ବିଶ୍ୱର ଏକ କ୍ଷୁଦ୍ରତମ ଦେଶ ଭାବରେ ପରିଗଣିତ କରାଯାଉଛି। ଉକ୍ତ ଦେଶଟି ହେଲା ପ୍ରିନ୍ସିପଲିଟି ଅଫ୍ ସି'ଲ୍ୟାଣ୍ଡ। ଏଠାରେ ବସବାସ କରୁଥିବା ଲୋକମାନେ ଇଂଲିଶ୍ ଭାଷାରେ କଥାବାର୍ତ୍ତା ହୋଇଥାଆନ୍ତି। ଆଉ ଏକ ମଜାଦାର କଥା ହେଲା, ଏତେ ଛୋଟ ଦେଶ ହେଲେ ମଧ୍ୟ ଏଠାକୁ ଯିବା ପାଇଁ ପାସ୍‌ପୋର୍ଟର ଆବଶ୍ୟକତା ପଡ଼ିଥାଏ। ଏଠାକାର ଶାସନ ବିଷୟରେ ଜାଣିଲେ ମଧ୍ୟ ଆଶ୍ଚର୍ଯ୍ୟ ହେବେ। କାରଣ ବର୍ତ୍ତମାନ ସେଠାରେ ରାଜତନ୍ତ୍ର ଚାଲିଛି, ଅର୍ଥାତ୍ ଦେଶଟିକୁ ରାଜା-ରାଣୀ ଶାସନ କରିଥା'ନ୍ତି।



# ଏସି(AC)ରେ ଟନ୍‌ର ଅର୍ଥ

ଖରାଦିନ ଆରମ୍ଭ ହୋଇଗଲାଣି। ଏହି ଦିନ ଆସିଲାମାତ୍ରେ ଏୟାର କଣ୍ଡିସନର ବା ଏସି ଅନେକ ବ୍ୟବହାର କରିଥା'ନ୍ତି। ଆଉ ଯେତେବେଳେ ଏହାକୁ କିଣିବା ଲାଗି ଶୋ' ରୁମ୍‌କୁ ଯା'ନ୍ତି, ସେଠାରେ ଗ୍ରାହକଙ୍କୁ ଦୋକାନୀ ପଚାରନ୍ତି- କେତେ ଟନ୍‌ର ଏସି ଦରକାର ? ଅନେକେ ଏ କଥା ଶୁଣି ଟିକେ ଦ୍ୱନ୍ଦରେ ପଡ଼ିଯା'ନ୍ତି। କାରଣ ଏହି ଟନ୍‌ର ଅର୍ଥ କ'ଣ ଏବଂ ଏହାର କାମ କ'ଣ -ଏ ନେଇ ଅନେକଙ୍କ ମନରେ ପ୍ରଶ୍ନ ଉଠେ। ଏସିର ଟନ୍ ଏକ ଘଣ୍ଟା ମଧ୍ୟରେ ଏୟାର କଣ୍ଡିଶନର ଦ୍ୱାରା ବାହାରକୁ ଛାଡୁଥିବା ଗରମ ବାୟୁର ପରିମାଣକୁ ସୂଚାଇଥାଏ। ଏସିର କ୍ଷମତାକୁ ଟନ୍ ସୂଚିତ କରିଥାଏ। ସାଧାରଣତଃ ଗୋଟିଏ ବେଡ୍‌ରୁମ୍ ପାଇଁ ଏକ ଟନ୍ ଏସି ଆବଶ୍ୟକତା ପଡ଼ିଥାଏ, ଏହାଠୁ ଅଧିକ ନୁହେଁ। କିନ୍ତୁ ଯଦି ବେଡ୍‌ରୁମ୍‌ର ସାଇଜ୍ ଟିକେ ବଡ଼ ହୋଇଥାଏ, ତେବେ ସେ ସ୍ଥାନରେ ଦେଢ଼ ଟନ୍ ଏସି ଲଗାଇଲେ କିଛି ଅସୁବିଧା ନାହିଁ।

# ଶପିଂ ମଲ୍ ଟ୍ରଲିରେ କାହିଁକି ଲାଗିଥାଏ ଜାଲି

ଶପିଂ ମଲ୍‌ରୁ କୌଣସି ଜିନିଷ କିଣିବା ସମୟରେ ସେଠାରେ ଥିବା ଟ୍ରଲିଗୁଡ଼ିକରେ ଜାଲି ହୋଇଥାଏ। ଅନେକ ଭାବୁଥିବେ ଯେ ଏହା ଡିଜାଇନ୍ ପାଇଁ କରିଥା'ନ୍ତି। କିନ୍ତୁ ଏହା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ଏହି ଟ୍ରଲିରେ ଜାଲି ଲଗାଇବାର ଏକ ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଟ୍ରଲିରେ ରଖାଯାଉଥିବା ଜିନିଷର ଓଜନକୁ କମ୍ କରିବା ପାଇଁ। ଯଦି ଏହି ଟ୍ରଲିଗୁଡ଼ିକ ଜାଲିରେ ନ ହୋଇ ସମ୍ପୂର୍ଣ୍ଣ କଭର୍ କରାଯିବ, ତେବେ ସେଥିରେ ଅଧିକ ମେଟାଲ ବ୍ୟବହୃତ ହେବ। ଏହାକୁ ଜାଲିରେ କରିବା ଦ୍ୱାରା ଏଥିରେ କମ୍ ମେଟାଲ ବ୍ୟବହାର ହୋଇଥାଏ। ଏହି ଟ୍ରଲିର ଓଜନ କମ୍ ହେବା ସହିତ ଏହାକୁ ଗୋଟେ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ସମୟରେ ଅସୁବିଧା ହୁଏନାହିଁ। ଧରିନିଅନ୍ତୁ କୌଣସି ଗ୍ରାହକ ଜାଲି ନ ଥିବା ଟ୍ରଲିକୁ ବ୍ୟବହାର କରିବା ସମୟରେ ଯଦି ତରଳ ପଦାର୍ଥ ଢାଳି ହୋଇଯାଏ, ତେବେ ତାହାକୁ ସଫା କରିବା ବହୁତ କଠିନ ହୋଇଥାଏ। କିନ୍ତୁ ଏହି ସ୍ଥାନରେ ଯଦି ଜାଲିର ଟ୍ରଲି ବ୍ୟବହାର କରୁଥା'ନ୍ତି, ତେବେ ଏହାକୁ ସଫା କରିବା ସହଜ ହୋଇଥାଏ।



# ନଳବଣର ରାଜା 'ଏରା'



ଥରେ ଏକ ହାଇସ୍କୁଲର କେତେକ ଛାତ୍ର ବିଜ୍ଞାନ ଶିକ୍ଷକଙ୍କ ସହିତ ଚିଲିକା ବୁଲିବାକୁ ଯାଇଥିଲେ। ବୁଲୁବୁଲୁ ନଳବଣରେ ସେମାନଙ୍କର ଆଖି ଏକ ସୁନ୍ଦର ପକ୍ଷୀ ଉପରେ ପଡ଼ିଲା। କେତେକ ଆନନ୍ଦରେ ନାଚି ଉଠିଲେ। ଜଣେ ପଚାରିଲେ- ସାର୍! ଏ ପକ୍ଷୀର ନାମ କ'ଣ ? ସାର୍ କହିଲେ- ଏ ପକ୍ଷୀର ନାମ 'ଏରା'। ଏହାକୁ 'ମରାଳ' ବୋଲି ମଧ୍ୟ କୁହନ୍ତି। ବିଶେଷ ଭାବରେ ଶୀତଋତୁରେ ଏମାନେ ହଜାର ହଜାର ସଂଖ୍ୟାରେ ଚିଲିକାକୁ ଆସିଥାଆନ୍ତି। ପୁଣି ଗ୍ରୀଷ୍ମଋତୁ ଆସିଗଲେ ଏମାନେ ନିଜ ରାଜ୍ୟକୁ ଫେରିଯା'ନ୍ତି। ଏମାନେ କେବଳ ସମୁଦ୍ର ନିକଟରେ ଥିବା ଲବଣାକ୍ତ ଜଳ ଓ ସେଠାରେ ବୁଦାଳିଆ କାଦୁଅ ଥିବା ଜାଗାରେ ବସବାସ କରନ୍ତି।

ଏହି ପକ୍ଷୀର ରଙ୍ଗ ଗୋଲାପୀ ଧଳା ବା ଅଳ୍ପ ଲାଲ। ଏହା ଦେଖିବାକୁ ବଡ଼ ହଂସ ଭଳି। ଗୋଡ଼ ଦୁଇଟି ବାଡ଼ି ଭଳି ଲମ୍ବା, ଯାହା ଦେଢ଼ ମିଟର ପର୍ଯ୍ୟନ୍ତ ହୋଇଥାଏ। ମାଈ ଏରା ପକ୍ଷୀ ପୁରୁଷଠାରୁ ଅଳ୍ପ ଛୋଟ ଥାଏ। ଏମାନଙ୍କର ଓଜନ ପ୍ରାୟ ସାଢ଼େ ତିନି କିଗ୍ରା ହୋଇଥାଏ। ଏହାର ଥଣ୍ଟ ଗୋଲାପି ଏବଂ ତଳକୁ ବଙ୍କା। ବେକ ଓ ଥଣ୍ଟ ଇଂଲିଶ୍ ଅକ୍ଷରରେ 'S' ଭଳି ଦେଖାଯାଇଥାଏ। ପାଦର ଆଙ୍ଗୁଠି ମଝିରେ ହଂସ ଭଳି ସଂଲଗ୍ନ ଚର୍ମ ରହିଛି। ଏରା ପକ୍ଷୀର ଛୁଆମାନଙ୍କର ରଙ୍ଗ ବାଦାମୀ ଏବଂ ଧୂସର ବର୍ଣ୍ଣ। ଛଅ-ସାତ ବର୍ଷ ହୋଇଗଲେ ସେହି ରଙ୍ଗ ବଦଳିଯାଇ ଗୋଲାପି ବା ଫିକା ବର୍ଣ୍ଣ ହୋଇଯାଏ। ସେମାନେ ଦଳବଦ୍ଧ ହୋଇ ଉଡ଼ିଯାଉଥିବା ସମୟର ଦୃଶ୍ୟ ଅତ୍ୟନ୍ତ ସୁନ୍ଦର ଓ ମନୋମୁଗ୍ଧକର। ଏମାନେ ପାଣି ଉପରେ ଚାଲିଚାଲି ଖାଦ୍ୟ ଖୋଜନ୍ତି। ଏମାନଙ୍କର ସ୍ୱତନ୍ତ୍ର ପ୍ରକାରର ଥଣ୍ଟ ଓଲଟି ରହିବା ଯୋଗୁ ପାଣି ତଳେ ଥିବା କାଦୁଅକୁ ଘଣ୍ଟାଚକଟା କରି ତା' ଭିତରୁ କଙ୍କଡ଼ା, ଚିଙ୍ଗୁଡ଼ି, ଛୋଟ ମାଛ, ଜିଆ, ସାମୁଦ୍ରିକ ଶୈବାଳ, ପଙ୍କ ଭିତରେ ଥିବା ଅନ୍ୟ ଜୈବିକ ପଦାର୍ଥ ଆଦି ବାହାର କରି ଖାଇଥାଆନ୍ତି। ଯେଉଁଠି ଏମାନେ ଅଣ୍ଡା ଦେବେ, ସେଠାରେ ପ୍ରଥମେ କାଦୁଅରେ ଗୋଲାକୃତି ଆକାରର ଏକ ବସା ତିଆରି କରନ୍ତି। ଏହାର ଉପରିଭାଗ ସାମାନ୍ୟ ଖାଲୁଆ ଥାଏ। ଭୂମିଠାରୁ ତାହାର ଉଚ୍ଚତା ପ୍ରାୟ ୩୦ ସେଣ୍ଟିମିଟର। ମାଈ ପକ୍ଷୀଟି ସେହି କାଦୁଅ ମାଟିର ବସାର ଖାଲୁଆ ଅଂଶରେ କେବଳ ଗୋଟିଏ ଅଣ୍ଡା ଦିଏ। ଏକ ସପ୍ତାହ ବସି ଉଷୁମେଇଲା ପରେ ସେଥିରୁ ଛୁଆ ବାହାରେ। ଦୁଇ ତିନିମାସ ପରେ ଛୁଆଗୁଡ଼ିକର ଡେଣା ବାହାରିଥାଏ। ତିନି ଚାରିବର୍ଷ ପରେ ପୁଣି ବୟସ୍କ ପକ୍ଷୀ ହୋଇ ମାଈ ପକ୍ଷୀ ଅଣ୍ଡା ଦେବା ପାଇଁ ସକ୍ଷମ ହୋଇଯାଏ। ସେମାନଙ୍କର ଜୀବନ କାଳ ୪୦-୫୦ ବର୍ଷ। ଏମାନେ ପ୍ରତିବର୍ଷ ଶୀତଋତୁରେ ଗୁଜରାଟର କଚ୍ଛଦ୍ୱୀପରୁ ହଜାର ହଜାର ସଂଖ୍ୟାରେ ଏଠାକୁ ଆସିଥାଆନ୍ତି। କେତେକ ମଧ୍ୟ ଏହି ନଳବଣରେ ସ୍ଥାୟୀଭାବେ ବସବାସ କରି ରହିଗଲେଣି।



– ବିନୋଦ ଚନ୍ଦ୍ର ଜେନା
ଭିକ୍ଟୋରି କଲୋନି , ପାରଳାଖେମୁଣ୍ଡି,
ଗଜପତି, ମୋ : ୯୪୩୮୦୭୪୪୬୪

# ଆ ଇ ନା



ଅଲିଶା ସାହୁ
୫ ବର୍ଷ, ଭୁବନେଶ୍ୱର



ଦୀକ୍ଷିତା କାନୁନ୍‌ଗୋ
୫ ବର୍ଷ, ଭୁବନେଶ୍ୱର